# NATIONAL NEWS BULLETIN (ODIA)

## 19 August - 2024

## Morning Bulletin : 7.15 A.M.

***********************************

## ମୁଖ୍ୟ ସମ୍ବାଦ

- କୋଲକାତା ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ନିଜ ଆଡୁ ମାମଲା ରୁଜୁ କଲେ ସୁପ୍ରିମ୍‌କୋର୍ଟ୍ ।

– ଆସନ୍ତାକାଲି ହେବ ଶୁଣାଣି ।

- ଦେଶରେ ମଙ୍କିପକ୍ସର ସ୍ଥିତି ନେଇ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପି.କେ. ମିଶ୍ର ।

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ରକ୍ଷା ବନ୍ଧନ ଉତ୍ସବ ।

- ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ସଂସ୍କାର ପରେ ଯଥାଶୀଘ୍ର ନିର୍ବାଚନ ଅନୁଷ୍ଠିତ ହେବ, କହିଲେ ବାଂଲାଦେଶ ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ।

ଏବଂ

- ଶେଷ ହେଲା ବାର୍ଷିକ ଅମରନାଥ ଯାତ୍ରା ।

– ଚଳିତ ବର୍ଷ ପବିତ୍ର ଗୁମ୍ଫା ଦର୍ଶନ କଲେ ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ।

## ଏସ୍‌ସି-କୋଲକାତା

କୋଲକାତା ଆର୍.ଜି. କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ  ସୁପ୍ରିମ୍‌କୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଆସନ୍ତାକାଲି ଶୁଣାଣି କରିବ । ଜଷ୍ଟିସ୍ ଜେ.ବି. ପାର୍‌ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରା ପ୍ରଧାନ ବିଚାରପତିଙ୍କ ସହ ଏହି ମାମଲାର ଶୁଣାଣି କରିବେ ।

ଅନ୍ୟ ପକ୍ଷରେ ପଶ୍ଚିମବଙ୍ଗର ସମସ୍ତ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ହସ୍ପିଟାଲ୍ ମୁଖ୍ୟଙ୍କ ପାଖକୁ ସେ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## କୋଲକାତା-ଆର୍‌ଜି କର

ନାଗରିକ ସୁରକ୍ଷା ସଂହିତା ୨୦୨୩ଅଧୀନରେ କୋଲାକାତା ପୁଲିସ ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲ ଛାତ୍ର ବିଶୃଙ୍ଖଳାକୁ ନେଇ ୭

ଦିନ ପାଇଁ ୧୬୩ଧାରା ଗତକାଲି ଠାରୁ ଲାଗୁ କରିଛି । ଏହାଦ୍ୱାରା କୌଣସି ସ୍ଥାନରେ ୫ରୁ ଅଧିକ ଲୋକ ଏକତ୍ରିତ ହୋଇପାରିବେ ନାହିଁ । ଇତିମଧ୍ୟରେ କୋଲକାତା ସହରର ବିଭିନ୍ନ ସ୍ଥାନରେ ଡାକ୍ତର ଏବଂ ଛାତ୍ର ସଂଘ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ରାଜ୍ୟ ପୁଲିସ୍ କମିଶନରଙ୍କୁ ତାଙ୍କ ପଦରୁ ସ୍ଥାନାନ୍ତର କରିବା ପାଇଁ ବିଜେପି ଦାବି କରିଛି । ଦଳର ପଶ୍ଚିମବଙ୍ଗ ଶାଖା ସଭାପତି ସୁକାନ୍ତ ମଜୁମଦାର ଗଣମାଧ୍ୟମକୁ କହିଛନ୍ତି, ଏହି ମାମଲାରେ ପୁଲିସ୍ ଟାଳଟୁଳ ନୀତି ଅବଲମ୍ବନ କରୁଛି । ଉତ୍ତର କୋଲକାତା ଠାରେ ଗତକାଲି ବିଜେପି ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ସେଣ୍ଟର-ମଙ୍କିପକ୍ସ ରିଭ୍ୟୁ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ଉଚ୍ଚସ୍ତରୀୟ ବୈଠକରେ ଦେଶରେ ମଙ୍କିପକ୍ସର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା ।  ଡକ୍ଟର ମିଶ୍ର ଏହି ବୈଠକରେ ମଙ୍କିପକ୍ସ ରୋଗର ଚିହ୍ନଟ ଏବଂ  ଏହାକୁ ପ୍ରତିହତ କରିବା ଲାଗି ଆବଶ୍ୟକ ପଦକ୍ଷେପ ପାଇଁ ରାଜ୍ୟ ଗୁଡ଼ିକୁ ପରାମର୍ଶ ଦେଇଥିଲେ । ରୋଗର ତ୍ୱରିତ ଚିହ୍ନଟ ପାଇଁ ପରୀକ୍ଷାଗାର ନେଟ୍‌ୱର୍କକୁ ପ୍ରସ୍ତୁତ ରଖିବାକୁ ସେ କହିଛନ୍ତି । ବର୍ତ୍ତମାନ ୩୨ଟି ପରୀକ୍ଷାଗାରରେ ଏହି ରୋଗର ପରୀକ୍ଷା

କରାଯାଉଛି । ସେ କହିଛନ୍ତି, ଏହି ରୋଗର ନିରାକରଣ ଏବଂ ଚିକିତ୍ସା ପାଇଁ ଜନସଚେତନତା ବୃଦ୍ଧି କରାଯିବା ଉଚିତ୍ । ବର୍ତ୍ତମାନ ସୁଦ୍ଧା ଦେଶରେ ମଙ୍କିପକ୍ସର କୌଣସି ମାମଲା ସାମ୍ନାକୁ ଆସିନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଛି । ମଙ୍କିପକ୍ସ ରୋଗିମାନେ ସାଧାରଣତଃ ସହାୟକ ଚିକିତ୍ସା ସେବା ଏବଂ ପରିଚାଳନା ଦ୍ୱାରା ସୁସ୍ଥ ହୋଇଥାନ୍ତି । ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ଏହି ରୋଗ ହେବାର ସମ୍ଭାବନା ରହିଥାଏ । ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଆୟୋଜିତ ଆଭାସୀ ମାଧ୍ୟମରେ ଏହି ବୈଠକରେ ବିଭିନ୍ନ ରାଜ୍ୟରୁ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

ଆଫ୍ରିକାର ବିଭିନ୍ନ ସ୍ଥାନରେ ଏହି ରୋଗର ପ୍ରକୋପକୁ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗତ ୧୪ ତାରିଖରେ ଏଥିପାଇଁ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିର ଘୋଷଣା କରିଥିଲା । ଡବ୍ଲ୍ୟୁ.ଏଚ୍.ଓ. କହିଛି, ୨୦୨୨ରେ ସମଗ୍ର ବିଶ୍ୱରେ ଏହି ରୋଗ କାରଣରୁ ୧୧୬ଟି ଦେଶରୁ ୯୯ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨୦୮ ଜଣଙ୍କର ମୃତ୍ୟୁ ହୋଇଥିଲା ।

# ରକ୍ଷା ବନ୍ଧନ

ଭାଇଭଉଣୀଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନର ପ୍ରତୀକ ରକ୍ଷା ବନ୍ଧନ ଉତ୍ସବ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ଭଉଣୀ ଭାଇ ହାତରେ ରାକ୍ଷି ବାନ୍ଧି ତାଙ୍କର ସୁଖ, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଥାନ୍ତି । ଏହାର ପ୍ରତିବଦଳରେ ଭାଇ ଭଉଣୀର ସୁରକ୍ଷା ସହ ଭବିଷ୍ୟତରେ ସବୁ ପ୍ରକାର ସହଯୋଗ ପ୍ରଦାନ କରିବାର ସଂକଳ୍ପ ନେଇଥାଏ ।  ଏହି ଅବସରରେ ଭାଇ ମଧ୍ୟ ଭଉଣୀଙ୍କୁ ମନଲାଖି ଉପହାର ପ୍ରଦାନ କରିଥାଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରକ୍ଷାବନ୍ଧନ ପର୍ବ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ରକ୍ଷାବନ୍ଧନ ହେଉଛି ଭାଇ ଭଉଣୀଙ୍କ ମଧ୍ୟରେ ଥିବା ଅତୁଟ ବନ୍ଧନର ଏକ ପ୍ରତିଫଳନ । ଏହା ଭଲପାଇବା ଏବଂ ପାରସ୍ପରିକ ବିଶ୍ୱାସର ଭାବନାକୁ ମଜଭୁତ କରିଥାଏ । ରାଷ୍ଟ୍ରପତି କହିଛନ୍ତି,  ଏହି ପର୍ବ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ ମୂଲ୍ୟବୋଧ ବହନ କରି ଦେଶର ବିବିଧତା ମଧ୍ୟରେ ଏକତାର ପ୍ରତୀକ ପ୍ରତିପାଦନ କରିଥାଏ । ଏହି ପର୍ବ ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ଆମର ସଂକଳ୍ପକୁ ଦୃଢ଼ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି।

# ନେପାଳ-ଏଫ୍‌ଏମ୍ ଭିଜିଟ୍

ଭାରତ ଗସ୍ତରେ ଥିବା ନେପାଳ ବୈଦେଶିକ ମନ୍ତ୍ରୀ ଅର୍ଜୁ ରାଣା ଦେଓବା ଆଜି ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ । ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ଦେଓବା ଗତକାଲି ନୂଆଦିଲ୍ଲୀ ଠାରେ ପହଞ୍ଚିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ଏବଂ ନେପାଳ ମଧ୍ୟରେ ନିୟମିତ ଭାବେ ଏଭଳି ଉଚ୍ଚସ୍ତରୀୟ ଆଲୋଚନା ହୋଇଥାଏ। ମନ୍ତ୍ରଣାଳୟ କହିଛି, ପଡ଼ୋଶୀ ପ୍ରଥମ ନୀତି ଅନୁଯାୟୀ ନେପାଳ ଭାରତର ଏକ ପ୍ରାଥମିକ ଅଂଶୀଦାର ଅଟେ । ଏହି ଗସ୍ତ ଦ୍ୱାରା ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ଆଲୋଚନା କରାଯିବ।

# ବାଂଲାଦେଶ ଇଲେକ୍‌ସନ୍

ବାଂଲାଦେଶ ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ପରାମର୍ଶଦାତା ପ୍ରଫେସର୍ ମହମ୍ମଦ ୟୁନୁସ୍ କହିଛନ୍ତି, ଦେଶରେ ଆବଶ୍ୟକ ସଂସ୍କାର ଆଣିବା ପରେ ଯଥାଶୀଘ୍ର ଏକ ମୁକ୍ତ, ନିରପେକ୍ଷ ଏବଂ ଭାଗିଦାରୀ ସମ୍ପନ୍ନ ନିର୍ବାଚନ ଅନୁଷ୍ଠିତ ହେବ । ଢାକାଠାରେ କୂଟନୀତିଜ୍ଞମାନଙ୍କ ସହ

ଆଲୋଚନା କାଳରେ ସେ କହିଛନ୍ତି, ନିର୍ବାଚନ ଆୟୋଗ, ନ୍ୟାୟପାଳିକା, ପ୍ରଶାସନ ଏବଂ ସୁରକ୍ଷା ବାହିନୀ ଓ ଗଣମାଧ୍ୟମ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବାରେ ବ୍ୟବସ୍ଥା ହେଉଛି । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି । ମଧ୍ୟବର୍ତ୍ତିକାଳୀନ ସରକାର ପାରସ୍ପରିକ ସମ୍ମାନ ଏବଂ ସ୍ୱାର୍ଥ ଜଡ଼ିତ ଚିନ୍ତାଧାରା ସହ ଅନ୍ୟ ଦେଶ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ପ୍ରଫେସର ୟୁନୁସ୍ କହିଛନ୍ତି ।

## ମାଲେସିଆ-ପିଏମ୍ ଇଣ୍ଡିଆ

ମାଲେସିଆ ପ୍ରଧାନମନ୍ତ୍ରୀ ଦାତୋ-ସେରୀ ଅନୱର ବିନ୍ ଇବ୍ରାହିମ ଆଜିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ମାଲେସିଆର ପ୍ରଧାନମନ୍ତ୍ରୀ ଭାବେ ଅନୱର ଇବ୍ରାହିମଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାଲେସିଆ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ। ଏହି ଗସ୍ତ ଅବସରରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ବୈଦେଶିକ ବ୍ୟାପାର

ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି ।

ଭାରତ ଏବଂ ମାଲେସିଆ ମଧ୍ୟରେ ଦୃଢ଼ ଐତିହାସିକ ଓ ସାମାଜିକ-ସାଂସ୍କୃତିକ ସମ୍ପର୍କ ରହିଛି। ମନ୍ତ୍ରଣାଳୟ କହିଛି, ୨୦୧୫ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଗସ୍ତ ସମୟରେ ଦ୍ୱିପାକ୍ଷିକ ସମ୍ପର୍କକୁ 'ଉନ୍ନତ ରଣନୈତିକ ଭାଗିଦାରୀ'ର ମାନ୍ୟତା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଗସ୍ତ ଭବିଷ୍ୟତ ପାଇଁ ଏକ ବହୁକ୍ଷେତ୍ରୀୟ ସହଯୋଗ ଚିଠା ପ୍ରସ୍ତୁତ କରି ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି।

## ବ୍ଲିଙ୍କେନ୍-ତେଲ ଆବିବ୍

ଚଳିତ ସପ୍ତାହରେ ଅସ୍ତ୍ର ବିରତି ଚୁକ୍ତି ଲକ୍ଷ୍ୟରେ କୂଟନୈତିକ ଚାପକୁ ଅଧିକ ଦୃଢ଼ କରିବା ଲକ୍ଷ୍ୟରେ ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ ଗତକାଲି ତେଲ୍ ଆବିବ୍ ଠାରେ ପହଞ୍ଚିଛନ୍ତି । ଗତ ଅକ୍ଟୋବର ମାସରୁ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଶ୍ରୀ ବ୍ଲିଙ୍କେନ୍‌ଙ୍କ ଏହା ହେଉଛି ଦଶମ ଗସ୍ତ । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନ୍ୟାହୁଙ୍କ ସମେତ ବରିଷ୍ଠ ନେତୃବୃନ୍ଦଙ୍କ ସହ ଶ୍ରୀ ବ୍ଲିଙ୍କେନ୍ ଆଜି ସାକ୍ଷାତ ଆଲୋଚନା

କରିବାର କାର୍ଯ୍ୟସୂଚୀ ରହିଛି । ଆମେରିକା ବୈଦେଶିକ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍ ପରେ ଶ୍ରୀ ବ୍ଲିଙ୍କେନ୍ ଇଜିପ୍ଟ ଗସ୍ତ କରିବେ । ଅନ୍ୟ ପକ୍ଷରେ ଗତକାଲି ଗାଜାରେ ହୋଇଥିବା ବିମାନ ଆକ୍ରମଣରେ ୬ ଜଣ ଶିଶୁଙ୍କ ସମେତ ଅତି କମ୍‌ରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ସୂଚନା ଦେଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମହାକାଶ କ୍ଷେତ୍ରରେ ସୁଯୋଗ ବୃଦ୍ଧି** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ସ୍ଥିତ ଉତ୍ତର ଆଞ୍ଚଳିକ ରିମୋଟ୍ ସେନ୍‌ସିଂ କେନ୍ଦ୍ରର ଉପ-ମହାପ୍ରବନ୍ଧକ ଡକ୍ଟର ସମୀର ସରଣ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ

ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ରାଜନାଥ-ଡିଜି କୋଷ୍ଟ ଗାର୍ଡ

ଭାରତୀୟ ତଟରକ୍ଷୀ ବାହିନୀର ମହାନିର୍ଦ୍ଦେଶକ ରାକେଶ ପାଲଙ୍କର ଗତକାଲି ଚେନ୍ନାଇ ଠାରେ ହୃଦ୍‌ଘାତରେ ପରଲୋକ ହୋଇଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚେନ୍ନାଇ ସ୍ଥିତ ଏକ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଭାରତୀୟ ନାଭାଲ ଏକାଡେମୀରୁ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିବା ରାକେଶ ୧୯୮୯ରେ ତଟରକ୍ଷୀ ବାହିନୀରେ ଯୋଗ ଦେଇଥିଲେ । ୨୦୨୩ରେ ସେ ମହାନିର୍ଦ୍ଦେଶକ ପଦବୀରେ ଯୋଗ ଦେଇଥିଲେ । ତାଙ୍କ ପରଲୋକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମୀତ ଶାହାଙ୍କ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

# ଅମରନାଥ ଯାତ୍ରା

ବାର୍ଷିକ ଅମରନାଥ ଯାତ୍ରା ଆଜି ଶେଷ ହୋଇଛି । ଚଳିତ ବର୍ଷ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଏହି ପବିତ୍ର ଗୁମ୍ଫା ଦର୍ଶନ କରିଛନ୍ତି । ୪୩ ଦିନ ଧରି ଚାଲିଥିବା ଏହି ଯାତ୍ରାର ପରିସମାପ୍ତି ପରେ ଆଜି ସକାଳେ ଭଗବାନ ଶିବଙ୍କ ମୂର୍ତ୍ତି ଶ୍ରୀ ଅମରନାଥ ଗୁମ୍ଫାରେ ପହଞ୍ଚିଥିଲା ।  ଏହା ଛଡ଼ି ମୁବାରକ୍ ବୋଲି କୁହାଯାଏ । ମହନ୍ତ ଦୀପେନ୍ଦ୍ର ଗିରିଙ୍କ ନେତୃତ୍ୱରେ ସାଦୁସନ୍ଥ ପଞ୍ଚତରଣୀରେ ରାତ୍ରି ଯାପନ ପରେ ଆଜି ସକାଳେ ପବିତ୍ର ଗୁମ୍ଫାରେ ପହଞ୍ଚିଥିଲେ । ଗତ ୨୯ ତାରିଖରୁ ଏହି ପବିତ୍ର ଯାତ୍ରା ଆରମ୍ଭ ହୋଇଥିଲା । ରକ୍ଷା ବନ୍ଧନ ଅବସରରେ ଏହି ଯାତ୍ରାର ସମାପ୍ତି ସହ ଚଳିତ ବର୍ଷ ଶ୍ରୀ ଅମରନାଥ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ଶ୍ରୀ ଅମରନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି ।